

ପୁରୀ (ଭାସ୍କର ନ୍ୟୁଜ) : ପବିତ୍ର ରାମ ନବମୀ ପର୍ବକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପାଳନ କରାଯିବା ପାଇଁ ପୁରୀ ପୋଲିସ ପକ୍ଷରୁ ଏସ୍ପି ଅଫିସ କନଫରେନ୍ସ ହଲ୍‌ରେ ଭର୍ଚୁଆଲ୍ ମାଧ୍ୟମରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୁରୀ ଏସ୍ପି ପ୍ରତୀକ ସିଂଙ୍କ ନେତୃତ୍ୱରେ ସମସ୍ତ ଥାନାର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ବୈଠକରେ ଅତିରିକ୍ତ ଏସ୍ପି ସୁଶୀଲ ମିଶ୍ର, ଦେବୀ ପ୍ରତାପ, ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ, ମିସ୍ ଅନଖା କେ. ବିଜୟା, ଆଇପିଏସ୍, ସିଟି ଡିଏସ୍ପି ରଶ୍ମିରଞ୍ଜନ ମହାପାତ୍ର ସହିତ ପୁରୀ ଜିଲ୍ଲାର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ରାମ ନବମୀ ଅବସରରେ ବିଭିନ୍ନ ଶୋଭାଯାତ୍ରାକୁ ସୁଚାରୁ ଭାବରେ ପରିଚାଳନା ପାଇଁ ରୁଟ୍ ଲାଇନ କ୍ଲିଅରେନ୍ସ, ଯାତାୟାତ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷ କରି ଶୋଭାଯାତ୍ରା ସମୟରେ ଡ୍ରୋନ୍ ସରଭିଲାନ୍ସ ବ୍ୟବସ୍ଥା କରାଯିବା, ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ରୁଫଟପ ଡିଉଟି ଓ ସୁରକ୍ଷା ନିରୀକ୍ଷଣକୁ ଆହୁରି ମଜବୁତ କରିବା ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶୋଭାଯାତ୍ରା ଗୁଡ଼ିକୁ ସମୟୋପଯୋଗୀ ଭାବରେ ନିୟନ୍ତ୍ରଣ କରି ସୁସଂଖଳିତ ଭାବେ ପାର୍ବ ପାଳନ ନିମନ୍ତେ ପ୍ରତ୍ୟେକ ଥାନାକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲା। ସମସ୍ତ ସେନ୍ସିଟିଭ୍ ଏବଂ ଭିଡ ଅଞ୍ଚଳରେ ଅତିରିକ୍ତ ପୁଲିସ ମୁତୟନ କରିବା ସହିତ ସତର୍କ ନଜର ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ଟିପିସିଓଡିଏଲ ପକ୍ଷରୁ ମାର୍ଚ୍ଚ ୩୦ ଏବଂ ୩୧ରେ ବକେୟା ସମାଧାନ ପାଇଁ ସ୍ୱତନ୍ତ୍ର ଶିବିରର ଆୟୋଜନ

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ), ପକ୍ଷରୁ ମାର୍ଚ୍ଚ ୩୦ ଏବଂ ୩୧, ୨୦୨୬ ରିଖରେ ଏହାର ସମସ୍ତ ସେବାଯୋଗାଣ ଅଞ୍ଚଳରେ ଏକ ଉପଭୋକ୍ତା ଅଭିଯୋଗ ସମାଧାନ ଶିବିର ଆୟୋଜନ କରାଯିବ। ଏହି ଶିବିର ମାଧ୍ୟମରେ ଉପଭୋକ୍ତାମାନେ ସେମାନଙ୍କର ଦୀର୍ଘ ଦିନରୁ ପଡ଼ି ରହିଥିବା ବିଦ୍ୟୁତ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏକ ସୁବିଧାଜନକ ମଞ୍ଚ ପାଇପାରିବେ। ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅନଧିକୃତ ବିଦ୍ୟୁତ ବ୍ୟବହାର ଏବଂ ବିଦ୍ୟୁତ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକୁ ଏକ ସ୍ୱଚ୍ଛ 'ସିଙ୍ଗଲ-ୱିଣ୍ଡୋ; ବ୍ୟବସ୍ଥା ମାଧ୍ୟମରେ ଶୀଘ୍ର ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ସମାଧାନ କରିବା। ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ୧୪, ୨୦୨୬ ରେ ଅନୁଷ୍ଠିତ ଲୋକ ଅଦାଲତରେ ଟିପିସିଓଡିଏଲ୍ ସଫଳତାର ସହ ୬,୬୦୦ ରୁ ଅଧିକ ମାମଲାର ତୁରନ୍ତ ସମାଧାନ କରିଥିଲା। ଏହାଦ୍ୱାରା ଉପଭୋକ୍ତାମାନେ ଏକ ସରଳ ଏବଂ ଅସୁବିଧାମୁକ୍ତ ପ୍ରକ୍ରିୟା ମାଧ୍ୟମରେ ସେମାନଙ୍କର ଏନଫୋର୍ସମେଣ୍ଟ; ସମ୍ବନ୍ଧୀୟ ବିବାଦଗୁଡ଼ିକୁ ସମାଧାନ କରିପାରିଥିଲେ, ଯାହା ବଡ଼ ଧରଣର ଅଭିଯୋଗ ସମାଧାନ କ୍ଷେତ୍ରରେ ଏହି ମଞ୍ଚର ପ୍ରଭାବଶାଳୀତାକୁ ପ୍ରମାଣିତ କରିଛି। ଏହି ସଫଳତାକୁ ଆଧାର କରି, ଟିପିସିଓଡିଏଲ ପକ୍ଷରୁ ସେହି ଉପଭୋକ୍ତାମାନଙ୍କୁ ଅନୁରୋଧ କରାଯାଇଛି ଯେଉଁମାନଙ୍କର ଏନଫୋର୍ସମେଣ୍ଟ; ମାମଲା ବାକି ଅଛି, ସେମାନେ ଆଗାମୀ ଅଭିଯୋଗ ସମାଧାନ ଶିବିରରେ ଅଂଶଗ୍ରହଣ କରି 'ଅନ୍-ଦି-ସ୍ପଟ୍; ସମାଧାନର ସୁଯୋଗ ନିଅନ୍ତୁ। ଏହା ସେମାନଙ୍କୁ ଆଇନଗତ ଜଟିଳତାରୁ ରକ୍ଷା କରିବା ସହ ବିଦ୍ୟୁତ ବ୍ୟବହାରକୁ ନିୟମିତ କରିବାରେ ସାହାଯ୍ୟ କରିବ। ଏହି ଶିବିର ସକାଳ ୯:୦୦ରୁ ଅପରାହ୍ନ ୫:୦୦ ପର୍ଯ୍ୟନ୍ତ ସମସ୍ତ ଡିଭିଜନ, ସବ-ଡିଭିଜନ ଏବଂ ସେକ୍ସନ ଅଫିସରେ ଅନୁଷ୍ଠିତ ହେବ। ଏଥିପାଇଁ ଏନଫୋର୍ସମେଣ୍ଟ; ଅଧିକାରୀ, ଆଇନ ବିଶେଷଜ୍ଞ ଏବଂ ସହାୟକ କର୍ମଚାରୀଙ୍କର ସ୍ୱତନ୍ତ୍ର ଟିମ୍ ଉପଭୋକ୍ତାମାନଙ୍କୁ ସମ୍ପୂର୍ଣ୍ଣ ସହାୟତା ପ୍ରଦାନ କରିବେ। ଉପଭୋକ୍ତାମାନେ ଏହି ସମାଧାନ ଶିବିରରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା, ଆବଶ୍ୟକୀୟ ଦଲିଲ ଏବଂ ସମାଧାନ ପ୍ରକ୍ରିୟା ବିଷୟରେ ସମସ୍ତ ଟିପିସିଓଡିଏଲ ଅଫିସ୍ ଏବଂ ଗ୍ରାହକ ସେବା କେନ୍ଦ୍ରରୁ ସୂଚନା ପାଇପାରିବେ। ଟିପିସିଓଡିଏଲ ସମସ୍ତ ବକେୟା ମାମଲା ଥିବା ଉପଭୋକ୍ତାମାନଙ୍କୁ ମାର୍ଚ୍ଚ ୩୦ ଏବଂ ୩୧, ୨୦୨୬ ତାରିଖର ଏହି ଶିବିରରେ ଯୋଗ ଦେବାକୁ ଏବଂ ଏହି ଅସୁବିଧାମୁକ୍ତ, ସିଙ୍ଗିଲ୍- ୱିଣ୍ଡୋ ସମାଧାନ ପ୍ରକ୍ରିୟାର ଲାଭ ଉଠାଇବାକୁ ନିବେଦନ କରିଛି।

ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ମହୋତ୍ସବ ଆରମ୍ଭ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ପ୍ରତିବର୍ଷ ପରି ଚଳିତ ବର୍ଷ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ମହୋତ୍ସବ ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଏହାକୁ ଉଦ୍ ?ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ବାବୁ ସିଂ, ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରୀୟଦର୍ଶୀ ମିଶ୍ର, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥି, ଶିବାନନ୍ଦ ରାୟ, ରାଜେନ୍ଦ୍ର ସାମର୍ଥୀ ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ । ଅନୁଷ୍ଠାନର ସଭାପତି ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ସନତ୍ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ପ୍ରଥମେ ଓଡ଼ିଶୀ ବନ୍ଦନା କରିଥିଲେ। , ପରେ ପୁରୀର ନାଚଘର ପକ୍ଷରୁ ମାହାରୀ ନୃତ୍ୟ ନୃତ୍ୟ ପରିବେଷଣ କରିଥଲେ। ସେହିପରି ବଲାଙ୍ଗିର କୋଶଳ ଫ୍ଲେକ୍ ? ଡ୍ୟାନ୍ ?ସ୍ ? ଏକାଡେମୀ ଲୋକ ନୃତ୍ୟ, କଟକ ସିଙ୍ଗମ ଦ୍ୱାରା କ୍ରିଏଟିଭ ନୃତ୍ୟ ଆକର୍ଷଣୀୟ ହୋଇଥିଲା। ବାସୁଦେବ ନାଥ ଏହାକୁ ସଂଯୋଜନା କରିଥିଲେ । ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ମହାନ୍ତି, କୋଷାଧକ୍ଷ ରତିକାନ୍ତ ମହାସୁଆର, ମୁଖପାତ୍ର ଲିଙ୍ଗରାଜ ସାହୁ, ନାରାୟଣ ମହାପାତ୍ର, ହେମାଦ୍ରୀ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ଗଣେଶ ପାଲ, ସୁଧୀର ରଞ୍ଜନ ଜେନା, ପ୍ରମୋଦ କୁମାର ଦାସ, ପ୍ରତାପ ପଟ୍ଟନାୟକ, ବିଶ୍ୱନାଥ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

ଶ୍ରୀମନ୍ଦିରରେ ଶ୍ରୀରାମଜନ୍ମ ନୀତି ପାଇଁ ୫ ଘଣ୍ଟା ବନ୍ଦ ରହିବ ଜଗା ଦର୍ଶନ

ପୁରୀ (ଭାସ୍କର ନ୍ୟୁଜ) : ପବିତ୍ର ଶ୍ରୀରାମ ନବମୀ ତିଥିରେ ଶ୍ରୀମନ୍ଦିର ରେ ପାଳିତ ହେବ ଶ୍ରୀରାମ ଜନ୍ମ ନୀତି। ଶୁକ୍ରବାର ଚୈତ୍ର:ଶୁକ୍ଳ ଶ୍ରୀରାମ ନବମୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମ ନୀତି ଅନୁଷ୍ଠିତ ହେବ। ଏଣୁ ମଧ୍ୟାହ୍ନ ଧୂପ ଭୋଗ ଉଠିବା ପରେ ଶ୍ରୀରାମଜନ୍ମ ନୀତି ଶେଷ ହେବା ପର୍ଯ୍ୟନ୍ତ ଆପାତତଃ ଅପରାହ୍ନ ଘ.୫.୦୦ ଟିକା ଠାରୁ ରାତ୍ର ଘ.୧୦.୦୦ ଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଆସନ୍ତାକାଲି ଠାରୁ ଶ୍ରୀକ୍ଷେତ୍ର ରେ ଆରମ୍ଭ ହେବାକୁ ଯାଉଛି ସାହିଯାତ। କାଳିକାଦେବୀ ସାହିରୁ ଆରମ୍ଭ ହେବ ଶ୍ରୀରାମ ଜନ୍ମ ନୀତି।

ଦ.ପୂ. ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳପଥର ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର/ ଟିଆରଏସ/ ସାନ୍ତାଗାଛିଙ୍କୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି : ଇ-ଟେଣ୍ଡର ନୋଟିସ: ଟିଆରଏସ୍-ଏସ୍‌ଆରସି-ଓଟି-ବିଜି-୪୯-୬୧୬; କାର୍ଯ୍ୟର ବର୍ଣ୍ଣନା: ଇଏଲ୍‌ଏସ୍/ ଏସ୍‌ଆରସି, ଏସ୍‌ଇଆର୍‌ର ଡବ୍ଲୁଏପି୪ ଲୋକୋମୋଟିଭ୍‌ର ୪୦ଟି ବଗିର ମରାମତି/ ପୁନଃସ୍ଥାପନ; ଟେଣ୍ଡର ମୂଲ୍ୟ (ଜିଏସ୍‌ଟି ସମେତ): ଟ.୬୭,୭୩,୨୦୦.୦୦; ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୧,୩୫,୫୦୦.୦୦; ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: କୌଣସି ନାହିଁ; ଖୋଲିବାର ତାରିଖ: ୨୨/ ୦୪/୨୦୨୬ ୧୫:୩୦ ଘଣ୍ଟା; ସମାପ୍ତି ଅବଧି: ୨୪ ମାସ; ଦାଖଲ ତାରିଖ: ୨୨/୦୪/୨୦୨୬ ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ; ଆଗ୍ରହୀ ଟେଣ୍ଡରଦାତାମାନେ ସମସ୍ତ ବିବରଣୀ, ବର୍ଣ୍ଣନା, ନିର୍ଦ୍ଦିଷ୍ଟକରଣ, ଟେଣ୍ଡରର ଶୁଦ୍ଧିପତ୍ର ଏବଂ ସେମାନଙ୍କର ବିଡ୍ ଦାଖଲ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିବାକୁ ପଡିବ।

(PR-1351)

AFFIDAVIT

By virtue of an affidavit Sworn Before the Executive Magistrate (k), Phulbani on 17.03.2026. Declare that I laxmi devi Behera, Aged about 69 years, wife of Dasharathi Behera, resident of village- Dami Gaon, Po- Dakapala, Ps- Phulbani, Dist- Kandhamal, That I am the deponent of this affidavit, that my acutal name is Laxmidevi Behera and same has also mentioned correctly in my husband's pension payment order vide PPO No. 67633 of 3/10. That in my Aadhar Card bearing No. 461736003850 wrongly mentioned as Laxmi Behera instead of Laxmidevi Behera. That laxmidevi Behera and laxmi Behera is one and same person. That the purpose of this affidavit is to produce before the concerned authority in publication. This the facts stated above are true to best of my knowledge and belief.

Sd/- laxmidevi Behera

ରାଜ୍ୟରେ ଲଗାତାର କମି ଚାଲିଛି ଭୂତଳ ଜଳସ୍ତର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ଲଗାତାର କମି ଚାଲିଛି ଭୂତଳ ଜଳସ୍ତର । ବିଗତ ୫ ବର୍ଷ ରେ ଓଡ଼ିଶାରେ ୦.୫୩ ପ୍ରତିଶତ ଏମବିଜିଏଲ ଭୂତଳ ଜଳସ୍ତର ହ୍ରାସ ପାଇଥିବା ହୋଇଛି ରେକର୍ଡ । କମୁଥିବା ଭୂତଳ ଜଳସ୍ତର କୁ ରୋକିବା ପାଇଁ ରାଜ୍ୟରେ ଆଡିବନ୍ଧ ଏବଂ ଗ୍ରାଉଣ୍ଡ ୱାଟର ରିଚାର୍ଜ ୱେଲ ନିର୍ମାଣ କରି ଭୂତଳ ଜଳସ୍ତର ବୃଦ୍ଧି କରିବାକୁ ପଦକ୍ଷେପ ନିଆଯାଉଅଛି । ଏତଦ ବ୍ୟତୀତ, ଭୂଗର୍ଭ ଜଳ ସ୍ତରର ଅବନତି ରୋକିବା ପାଇଁ ସମଗ୍ର ରାଜ୍ୟରେ ୩୩ ଗୋଟି ବନ୍ଧ, ୨୭ ଗୋଟି ବ୍ୟାରେଜ ଏବଂ ୮୯ ଗୋଟି ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ କରିବା ପାଇଁ ଯୋଜନା କରାଯାଇଛି ବୋଲି ବିଧାନସଭାରେ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ଓଡ଼ିଶାରେ ବଢୁଛି ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାରେ ବଢୁଛି ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ । ୨୦୨୪ରେ ଦୈନିକ ୧୭ ଜଣ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବେଳେ ୩୦ ଆହତ ହେଉଥିଲେ । ହେଲେ ୨୦୨୫ରେ ଦୈନିକ ମୃତ୍ୟୁ ସଂଖ୍ୟା ୧୮କୁ ବୃଦ୍ଧି ପାଇଛି । ତେବେ ଦୈନିକ ଆହତ ସଂଖ୍ୟା ୩୦ ରେ ସ୍ଥିର ରହିଛି । ଆଇଆଇଟି ମାଡ୍ରାସର ରିସର୍ଚ୍ଚରୁ ଏହି ତଥ୍ୟ ହସ୍ତଗତ କରିଛି କ୍ରାଇମ ବ୍ରାଞ୍ଚ । ଏହି ତଥ୍ୟ ଅନୁସାରେ, ୨୦୨୪ ରେ ୬୧୪୨ ମୁଣ୍ଡ ନେଇଥିଲା ଓଡ଼ିଶାର ସଡ଼କ । ଯାହା ୨୦୨୫ ରେ ବଢ଼ି ୬୪୮୩ ରେ ପହଁଚିଛି । ଗୃହରେ ପରିବହନ ମନ୍ତ୍ରୀ ବିଭୂତି ଜେନା ଏନେଇ ଲିଖିତ ଉତ୍ତର ରଖିଛନ୍ତି ।.

....

NOTIFIED AREA COUNCIL, KONARK
AT/PO: KONARK, DIST: PURI, ODISHA.
e-mail: nackonark@gmail.co
Phone No-06758-236826

13001/803/2526

Letter No. 1045 /Date 23.03.2026

"E" PROCUREMENT NOTICE

1. Tender reference No : KNK-4(03)-2025-26
2. Tender I.D No. : 2026_ORULB_127535
3. Name of the Work : Civil Construction work as mentioned in web site
4. No. of Works :03(Three) Nos.
5. Estimated Cost : on quoted value as per DTCN
6. Period of Completion : 90 days
7. Date and Time of Biding : From 12.00pm of dt.25/03/2026 to 4.00pm of dt 07/04/2026
8. Last date and time for receipt of bids in the portal : Upto 5.00 pm of dt 07/04/2026
9. Bids received online shall be opened on : At 11.30 AM of dt.08-04-2026
10. Name and address of the Officer inviting Bid : Executive officer, Konark NAC, Konark

Further details can be seen from the procurement portal i.e. www.tendersorissa.gov.in

Sd/- Executive Officer
Konark NAC

OIPR 13001/13174/1/25-26/0007

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ବିଧାନସଭାରେ ବିଲ୍...

ଯାହା ପୂର୍ବରୁ ୪୦ ହଜାର ଥିଲା। ସେହିପରି ନିର୍ବାଚନମଣ୍ଡଳୀ ଏବଂ ଲୋକସେବା ଭବନ ପରିଦର୍ଶନ ଭତ୍ତା ପୂର୍ବରୁ ୨୦ ହଜାର ଟଙ୍କା ଥିବାବେଳେ ତାକୁ ୭୫ ହଜାର ଟଙ୍କା କରାଯାଇଥିଲା। କମିଟି ଭତ୍ତା ୧୫ଶହରୁ ୩ ହଜାରକୁ ବୃଦ୍ଧି ହୋଇଥିଲା। ସେହିପରି ଓଡ଼ିଶା ବାହାରେ ବୈଠକ ପାଇଁ ଭତ୍ତା ୨ ହଜାର ଟଙ୍କାରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିଲା। ସେହିପରି ରାଜ୍ୟ ଭିତରେ ଭ୍ରମଣ ଭତ୍ତା କିମି ପିଛା ୨୫ଟଙ୍କା ଥିବାବେଳେ ଏହାକୁ ୩୫ ଟଙ୍କା କରାଯାଇଥିଲା। ମାସିକ ପରିବହନ ଭତ୍ତା ୧୫ ହଜାର ଟଙ୍କାରୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିଲା। ସଦସ୍ୟଙ୍କ ମାସିକ ଭତ୍ତା ୨ ହଜାରରୁ ୧୦ ହଜାର, ବିଦ୍ୟୁତ ଶୁଳ୍କ ୫ ହଜାରରୁ ୨୦ ହଜାର, ଡାକ୍ତରୀ ଚିକିତ୍ସା ଭତ୍ତା ୫ ହଜାରରୁ ୩୫ ହଜାର, ଆବାସ ଭତ୍ତା ୧ ହଜାରରୁ ୨ ହଜାର ଏବଂ ମୋଟର କାର୍ ଆଡଭାନ୍ସ ୫ଲକ୍ଷରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି ହୋଇଥିଲା। ତେବେ ବର୍ତ୍ତମାନ ଏହି ଭତ୍ତା ବୃଦ୍ଧି ବିଲ୍‌କୁ ସଂପୂର୍ଣ୍ଣଭାବେ ରାଜ୍ୟ ସରକାର ପ୍ରତ୍ୟାହାର କରି ନେଇଛନ୍ତି।

ଆଜି ମୁଖ୍ୟମନ୍ତ୍ରୀଙ୍କ...

୪୦ରୁ ଅଧିକ ଗ୍ଲୋବାଲ ଯୋଗାଣକାରୀଙ୍କଠାରୁ ଅଶୋଧିତ ତୈଳ ଗ୍ରହଣ କରୁଛି। ଦେଶର ସମସ୍ତ ରିଫାଇନାରୀ ୧୦୦ ପ୍ରତିଶତରୁ ଅଧିକ କ୍ଷମତାରେ କାମ କରୁଛନ୍ତି ଓ ତୈଳ ଯୋଗାଣ ପ୍ରାୟ ସ୍ଥିର ରହିଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଭାରତ ପାଖରେ ୭୪ ଦିନ ପାଇଁ ତୈଳ ସଂରକ୍ଷଣ କରି ରଖିବାର କ୍ଷମତା ରହିଛି। କିନ୍ତୁ ଏବେ ଭଣ୍ଡାରଗୁଡ଼ିକରେ ୬୦ ଦିନର ତୈଳ ରହିଛି। ଅନ୍ୟପକ୍ଷରେ ପଶ୍ଚିମ ଏସିଆର ଯୁଦ୍ଧସ୍ଥିତିକୁ ନେଇ ଶୁକ୍ରବାର ଦେଶର ମୁଖ୍ୟମନ୍ତ୍ରୀମାନଙ୍କ ସହ ବୈଠକ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହି ଆଲୋଚନା କରାଯିବ। ତେବେ ବୈଠକରେ ନିର୍ବାଚନ ହେବାକୁ ଥିବା ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗ ଦେବେନାହିଁ । ବୈଠକରେ ମୋଦୀ ମଧ୍ୟପ୍ରାଚ୍ୟ ଯୁଦ୍ଧ ଓ ଏହାର ପ୍ରଭାବ ନେଇ ଆଲୋଚନା କରିବାର ସମ୍ଭାବନା ରହିଥିବାବେଳେ ଟିମ୍ ଇଣ୍ଡିଆ ସ୍ପିରିଟ୍ ନେଇ କାମ କରିବାକୁ ପରାମର୍ଶ ଦେବେ ବୋଲି କୁହାଯାଉଛି।

ହର୍ମୁଜ କମାଣ୍ଡର...

କରିବା ପୂର୍ବରୁ ଆମକୁ କେହି ପଚାରି ନାହାନ୍ତି କି ଆଲୋଚନା ମଧ୍ୟ କରିନାହାନ୍ତି। ତେଣୁ ଆମେ ଏଥିରେ ଛନ୍ଦି ହେବାକୁ ଚାହୁଁନାହୁଁ। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ସାରା ବିଶ୍ୱରେ ଅସ୍ଥିର ସ୍ଥିତି ସୃଷ୍ଟି ହୋଇଛି। ତୈଳ ଏବଂ ଗ୍ୟାସ ଅଭାବ ଯୋଗୁ ବହୁ ରାଷ୍ଟ୍ର ପ୍ରଭାବିତ ହୋଇଛନ୍ତି। ଅନ୍ୟପକ୍ଷରେ ଟ୍ରମ୍ପ କହିଛନ୍ତି ଯେ ଯୁଦ୍ଧ ଏବେ ଅନ୍ତିମ ପର୍ଯ୍ୟାୟରେ ଅଛି। ଯୁଦ୍ଧକୁ ବେଶିଦିନ ଯାଏ ଟାଣିବାକୁ ଚାହୁଁନାହିଁ । ଅନ୍ୟପକ୍ଷରେ ଆକ୍ରମଣ ରୋକିବା ପାଇଁ କାତାର ଏବଂ ଇରାନ ମଧ୍ୟରେ ଏକ ବଡ଼ଧରଣର ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଇରାନ ସହ ଯୁଦ୍ଧଠାରୁ କାତାର ନିଜକୁ ଅଲଗା ରଖିଛି। କେବଳ ସେତିକି ନୁହେଁ, କାତାର ପକ୍ଷରୁ କୁହାଯାଇଛି ଯେ ଆମେରିକା ଓ ଇରାନ ମଧ୍ୟରେ ମଧ୍ୟ ସେ ମଧ୍ୟସ୍ଥତା କରିବନି। ଗତ ୨୦ ତାରିଖ ପରେ ଇରାନ ପକ୍ଷରୁ କାତାର ଉପରେ କୌଣସି ଆକ୍ରମଣ କରାଯାଇ ନାହିଁ । ଯଦି କାତାରର ତୈଳ ଓ ଗ୍ୟାସ୍ ଆଡ୍ଡା ଉପରେ ଇରାନ ଆକ୍ରମଣ କରେ ତେବେ କାତାରକୁ ୬ ବିଲିୟନ ଡଲାର ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଛି।

ବସ୍‌କୁ ଧକ୍କା ଦେଲା...

ଆହତ ଓ ଗୁରୁତରମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ଦ୍ରୁତଗତି ଯୋଗୁ ଏହି ଦୁର୍ଘଟଣା ଘଟିଛି। ବସ୍‌ଟିକୁ ଟ୍ରକ୍‌ଟି ଧକ୍କା ଦେବାପରେ ଏହା ଡିଭାଇଡରରେ ଧକ୍କା ଖାଇ ଓଲଟି ଯାଇଥିଲା। ଫଳରେ ବସ୍‌ଟିରେ ହଠାତ୍ ନିଆଁ ଲାଗି ଯାଇଥିଲା। ଫଳରେ ଯାତ୍ରୀମାନେ ବସ୍ ଭିତରୁ ବାହାରି ପାରିନଥିଲେ। ହାଇଦ୍ରାବାଦରୁ ପାମୁର ଯାଉଥିବା ଏକ ଘରୋଇ ଯାତ୍ରୀବାହୀ ବସ୍‌କୁ ପଥର ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା। ଉଭୟ ଗାଡ଼ି ଜଳିଯାଇ ପାଉଁଶ ହୋଇଯାଇଛି। ଏହି ବସ୍‌ଟିରେ ୪୦ଜଣ ଯାତ୍ରୀ ଥିଲେ। ୨୦ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ପୋଲିସ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ସେତେବେଳେକୁ ଦୁଇଟିଯାକ ଗାଡ଼ି ସଂପୂର୍ଣ୍ଣଭାବେ ପୋଡ଼ି ଯାଇଥିଲା। ମୃତକଙ୍କ ମଧ୍ୟରୁ ଅଧିକାଂଶ କାନିଗିରି ଓ ପାମୁର ଅଞ୍ଚଳର ବୋଲି ସୂଚନା ମିଳିଛି। ପୋଲିସ ସମସ୍ତ ମୃତଦେହ ଜବତ କରିଛି ଓ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଗୃହ ବାରମ୍ବାର...

ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ନିବେଦନ କରିଥିଲେ। ହେଲେ ତାଙ୍କର ନିବେଦନର କୌଣସି ପ୍ରଭାବ ବିରୋଧୀ ବିଧାୟକ ମାନଙ୍କ ଉପରେ ପଡି ନ ଥିଲା । ଏହି କାରଣରୁ ପ୍ରଶ୍ନକାଳ ମାତ୍ର ତିନି ମିନିଟ ଯାଏ ଚାଲି ପାରିଥିଲା । ହଟ୍ଟଗୋଳକୁ ଏଡାଇବାକୁ ଯାଇ ବାଚସ୍ପତି ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ। ୧୧.୩୦ରେ ପୁଣି ଥରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପୁଣି ଥରେ ସମାନ ପରିସ୍ଥିତି ଉପୁନ୍ନ ହୋଇଥିଲା । ତେବେ ବାଚସ୍ପତି ହଟ୍ଟଗୋଳ ମଧ୍ୟରେ ଶୂନ୍ୟକାଳ କାର୍ଯ୍ୟକ୍ରମ ଜାରୀ ରଖିଥିଲେ । ତେବେ ହଟ୍ଟଗୋଳ ନ କମିବାରୁ ବାଚସ୍ପତି ଗୃହକୁ ସ୍ଥଗିତ ରହିଲା ବୋଲି ଘୋଷଣା କରିଥିଲେ । ଏସସିବି ଘଟଣାରେ କାହାକୁ ଘଂଟ ଘୋଡାଯାଉନି ବୋଲି ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି । ସେ କହିଛନ୍ତି ଯେ, ନିଆଁ ଲାଗିବା ମାତ୍ରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଏସସିବି ମେଡିକାଲ ଯାଇଥିଲେ । ଦୁଇଟି କମିଟି କରାଯାଇଛି । ବିଚାର ବିଭାଗୀୟ ତଦନ୍ତ ହେଉଛି । ରିପୋର୍ଟ ଦେବାକୁ ସମୟସୀମା ଧାର୍ଯ୍ୟ ହୋଇଛି । ଦିନ ଦିନ ଧରି ଗଡିବନି ତଦନ୍ତ । କାହାକୁ ଘଣ୍ଟ ଘୋଡା ଯାଉନି । ଯିଏ ଦୋଷୀ, ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ । ହେଲେ ଏଥିପାଇଁ ଏକ ପ୍ରକ୍ରିୟା ଅଛି । ନବୀନ ପଟ୍ଟନାୟକଙ୍କ ସମୟରେ ତାଙ୍କର ଅନେକ ମନ୍ତ୍ରୀମାନଙ୍କ ନାଁରେ ଅପରାଧିକ ମାମଲା ଆସିଥିଲା । ସେମାନେ କଣ ଇସ୍ତଫା ଦେଇଥିଲେ କି ବୋଲି ପ୍ରଶ୍ନ ଉଠାଇଛନ୍ତି ଟଙ୍କଧର । ଶୂନ୍ୟକାଳରେ ବିରୋଧୀ ବିଜେଡ଼ି ଓ କଂଗ୍ରେସ ଉପରେ ଜୋରଦାର ବର୍ଷିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ସେ କହିଛନ୍ତି ଯେ, ଗତ କିଛି ଦିନ ଧରି ପ୍ରଶ୍ନକାଳ, ଶୂନ୍ୟକାଳରେ ବିରୋଧୀ ଆଲୋଚନା କରିବାକୁ ସୁଯୋଗ ଦେଉନାହାନ୍ତି । ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମଧ ଅନୁରୋଧ କରିଛନ୍ତି ଗୃହକୁ ସୁପରିଚାଳନା କରିବା ପାଇଁ । ତତ୍କାଳୀନ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଗୁଳି କରାଗଲା ତତ୍କାଳୀନ ଗୃହ ମନ୍ତ୍ରୀ ଇସ୍ତଫା ଦେଇଥିଲେ କି ? ମମିତା ମେହେର, ଇତିଶ୍ରୀ, ପର, ମଧବିଲତା ଘଟଣାରେ ମଧ ତତ୍କାଳୀନ ଗୃହମନ୍ତ୍ରୀ ଇସ୍ତଫା ଦେଇଥିଲେ କି ? ଗଣତାନ୍ତ୍ରିକ ପଦ୍ଧତିରେ ଆଲୋଚନା କରି ଗୃହର ଗାରିମା ରଖନ୍ତୁ ବିରୋଧୀ । ରାମ ନାମ ଉପରେ ବିଶ୍ୱାସ କରୁନଥିବା ଦଳ ଗୃହରେ ରାମ ନାମ ନେଉଛନ୍ତି । ତେଣୁ ରାମ ନାମରେ ବିଶ୍ୱାସ କରନ୍ତୁ । ବିରୋଧୀ ଦଳ ନେତା ଯାହା ସମସ୍ୟା ଅଛି ସରକାରଙ୍କ ସହ ଆଲୋଚନା କରନ୍ତୁ । ବିରୋଧୀ ଦଳ ନେତା ଗୃହକୁ ଆସୁନାହାନ୍ତି । ବାହାରେ ପ୍ରତିକ୍ରିୟା ରଖୁଛନ୍ତି । ଗୃହକୁ ଆସନ୍ତୁ ଆଲୋଚନା କରନ୍ତୁ ।

କଳାବଜାରୀଙ୍କ ବିରୋଧରେ...

ରାଜ୍ୟବ୍ୟାପୀ ଚଢ଼ାଉ କରି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ରବିରତୁ ଚାଷ ପାଇଁ ଯଥେଷ୍ଟ ସାର ମହଜୁଦ ରଖିବାକୁ ମଧ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏ ସମସ୍ୟା ବିଷୟରେ ରାଜ୍ୟବାସୀ ଯେପରି ଆଶଙ୍କିତ ନ ହୁଅନ୍ତି, ସେଥିପ୍ରତି ସରକାରୀ ସ୍ତରରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ଯେ, ପେଟ୍ରୋଲ ଓ ପେଟ୍ରୋଲିୟମ ସାମଗ୍ରୀ ତଥା ଏଲ୍.ଏନ୍.ଜି ପାଇଁ ଭାରତ ବିଭିନ୍ନ ଗଲ୍ଫ ଦେଶମାନଙ୍କ ଉପରେ ନିର୍ଭର କରିଥାଏ । ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ପାଇଁ ଉଭୟ ପେଟ୍ରୋଲ ଓ ଏଲ୍.ପି.ଜି ଉପରେ ଏହାର ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି । ରାଜ୍ୟରେ ଏ ସବୁ ସାମଗ୍ରୀର ଉପଲବ୍ଧତା ଓ ବଣ୍ଟନ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ବୈଠକ ଡାକିଥିଲେ । ମୁଖ୍ୟ ଶାସନ ସଚିବ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସମସ୍ୟାର ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସବିସ୍ତୃତ ବିବରଣୀ ରଖିଥିଲେ । ବୈଠକରେ ପେଟ୍ରୋଲ, ରନ୍ଧନ ଗ୍ୟାସ ଓ ସାର ଯୋଗାଣ ଯେପରି ଅବ୍ୟାହତ ରହିବ, ସେ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ ।

MANAPPURAM FINANCE LTD.
CIN : L65910KL1992PLC006623
Registered Office: W - 4/ 638A, Manappuram House, P.O. Valapad, Thrissur - 680 567, Kerala, India

ନିଲାମୀ ସୂଚନା

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚୀତ କରାଇ ଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନିକ ନିଲାମ ନିମ୍ନଲିଖିତ ଶାଖାରେ 16.04.2026 ତାରିଖ ଦିନ ସକାଳ 10 ଘଟିକା ଠାରୁ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ବକିଦାର ଗ୍ରାହକଙ୍କ ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜୀକୃତ ପତ୍ର ଜରିଆରେ ସୂଚୀତ କରାଇବା ପରେ ମଧ ସେମାନେ ସେମାନଙ୍କ ଋଣ ରାଶି ପଇଠ କରିବାରେ ବିଫଳ ହୋଇଛନ୍ତି । ନିଲାମ ନ କରାଯାଇଥିବା ସାମଗ୍ରୀକୁ କୌଣସି ପୂର୍ବ ସୂଚନା ବ୍ୟତୀତ ଯେକୌଣସି ଅନ୍ୟ ଦିନରେ ନିଲାମ କରାଯିବ । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ କରାଯିବ ।

ବନ୍ଧକ ସୂଚୀ :

କଟକ, ଅରୁଣଦୟ ମାର୍କେଟ୍ କଟକ, 139280700006625, ଜଗତସିଂହପୁର, ପାରାଦୀପ, 137120700011799, ଝାରସୁଗୁଡ଼ା, ବ୍ରଜରାଜନଗର, 137150700023881, କଳାହାଣ୍ଡି, ମୁଖିଗୁଡ଼ା ଜଇପାଟଣା, 138560700008086, କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ଓଡ଼ିଶା, 128180700052467, ଖୋର୍ଦ୍ଧା, ଖଣ୍ଡଗିରି ଛକ, ଓଡ଼ିଶା, 128380730123633, କୋରାପୁଟ, ଜୟପୁର, 138700730035442, 5475, 5476, 5477, 5478, 5479, 5480, 5481, 5482, 5665, ନୟାଗଡ଼, ରାଣାପୁରଗଡ଼ା, 139000700011442, ପୁରୀ, ନିମାପଡ଼ା, ପୁରୀ, 129180700081264, ସୁନ୍ଦର ଗଡ , ସୁନ୍ଦରଗଡ଼ - ହସ୍‌ପିଟାଲ୍ ରୋଡ୍, 118860700066116, 118860730041467,

ଉପରୋକ୍ତ ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନଲିଖିତଗୁଡ଼ିକୁ ପାଳନ କରିବେ: - ଆଗ୍ରହୀ ନିଲାମକାରୀମାନେ ନିଲାମ ଦିନ ହିଁ NEFT/RTGS ମାଧ୍ୟମରେ EMD ଭାବରେ ଟ. 10,000/- (ଅସଫଳ ନିଲାମକାରୀମାନଙ୍କୁ ଫେରସ୍ତଯୋଗ୍ୟ) ଜମା କରିବା ଉଚିତ । ନିଲାମକାରୀମାନେ ବୈଧ ପରିଚୟ ପତ୍ର/ପାନ୍ କାର୍ଡ ନିଜ ସହିତ ଆଣିବା ଆବଶ୍ୟକ । ଅଧିକ ସୂଚନା ପାଇଁ ଦୟାକରି ମୋବାଇଲ୍ ନମ୍ବର -9072607147 ରେ ଯୋଗାଯୋଗ କରନ୍ତୁ ।

ଅଧିକୃତ ଅଧିକାରୀ
ମଣପ୍ପୁରମ୍ ଫାଇନାନ୍ସ ଲିମିଟେଡ ଉଦ୍ଦେଶ୍ୟରେ

ADITYA BIRLA CAPITAL PROTECTING INVESTING FINANCING ADVISING
Aditya Birla Capital Limited

ପଞ୍ଜିକୃତ କାର୍ଯ୍ୟାଳୟ: ଇଣ୍ଡିଆନ୍ କମ୍ପାଉଣ୍ଡ, ଭେରାଭାଲ୍, ଗୁଜରାଟ ୩୬୨୨୬୬
କର୍ପୋରେସନ୍ ଅଫିସ୍: ଆର-ଟେକ୍ ପାର୍କ, ୧୦ମ ମହଲା, ନିରଲନ୍ କମ୍ପ୍ଲେକ୍ସ, ପଶ୍ଚିମ ଏକ୍ସପ୍ରେସୱେ, ଗୋରେଗାଓଁ ପୂର୍ବ-ମୁମ୍ବାଇ - ୪୦୦୦୬୩

Date: 27.03.2026

ପ୍ରାପ୍ତେଷୁ,
ଶ୍ରୀଯୁକ୍ତ ଶଙ୍କର ଗୌଡ,
ରଣଝାଲି, ଗଞ୍ଜାମ, ଓଡ଼ିଶା କୋଦଳା, ଓଡ଼ିଶା-୭୬୧୦୧୮
ମୋବାଇଲ୍ ନଂ: ୯୧-୭୩୮୧୭୩୯୩୮୪
ଇମେଲ୍: sankargauda0605@gmail.com
ଦୟାକରି ଧ୍ୟାନ ଦିଅନ୍ତୁ: ଶ୍ରୀଯୁକ୍ତ ଶଙ୍କର ଗୌଡ
ବିଷୟ: ଜାଲିଆତି କାର୍ଯ୍ୟକଳାପ ପାଇଁ କାରଣ ଦର୍ଶାଅ ନୋଟିସ୍
ସନ୍ଦର୍ଭ:: Loan Account No: ABE_BMLA000000642417

ପ୍ରିୟ ମହାଶୟ,

ଏହି ନୋଟିସ୍ ଆଦିତ୍ୟ ଏ ବିର୍ଲା ଫାଇନାନ୍ସ ଲିମିଟେଡ୍ (ଏବିଏଫ୍‌ଏଲ୍) ଯାହା ବର୍ତ୍ତମାନ ଆଦିତ୍ୟ ବିର୍ଲା କ୍ୟାପିଟାଲ ଲିମିଟେଡ୍ (ଏବିସିଏଲ୍) ଭାବରେ ଜଣାଶୁଣା, ଯାହା Loan Account No: ABE_BMLA000000642417 ଋଣକୁ ବୁଝାଏ।

ଏହା ଆମର ଆଭ୍ୟନ୍ତରୀଣ ବିପଦ ମୂଲ୍ୟାଙ୍କନକୁ ଆଗକୁ ବଢାଇବା ପାଇଁ, ଯାହା ଆଧାରରେ, ୧୧.୦୨.୨୦୨୬ ତାରିଖରେ ଦୁଇଟି ସ୍ଥାନୀୟ ଖବରକାଗଜ ଟାଇମ୍ସ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ଭାସ୍କରରେ ଏକ କାରଣ ଦର୍ଶାଅ ନୋଟିସ୍ ଆପଣଙ୍କୁ ଜାରି କରାଯାଇଥିଲା କାରଣ ଏହା ଏବିସିଏଲ୍ ସହିତ ପଞ୍ଜୀକୃତ ଆପଣଙ୍କର ଶେଷ ଜଣାଶୁଣା ଠିକଣାରେ ଅପରିବର୍ତ୍ତିତ ଥିଲା। ଏହି ନୋଟିସ୍ ଆପଣଙ୍କୁ ଏହିପରି ଭାବରେ ପ୍ରଦାନ କରାଯାଇଛି। କାରଣ ଦର୍ଶାଅ ନୋଟିସର ଉତ୍ତର ଦେବା ପାଇଁ ୨୧ ଦିନର ପର୍ଯ୍ୟାପ୍ତ ସମୟ ଦିଆଯାଇଥିବା ସତ୍ତ୍ୱେ ଆପଣଙ୍କ ପକ୍ଷରୁ କୌଣସି ଉତ୍ତର ମିଳିନାହିଁ। କୌଣସି ଉତ୍ତର ନ ଥିବାରୁ, କାରଣ ଦର୍ଶାଅ ନୋଟିସରେ ଉଲ୍ଲେଖ କରାଯାଇଥିବା ତଥ୍ୟଗୁଡ଼ିକ ଅସମ୍ପୂର୍ଣ୍ଣ ରହିଛି ଏବଂ ଏହା ଅନୁମାନ କରାଯାଉଛି ଯେ ଆପଣଙ୍କର ପ୍ରଦାନ କରିବା ପାଇଁ କୌଣସି ବୈଧ ସ୍ପଷ୍ଟୀକରଣ ନାହିଁ।

ଆମ ପକ୍ଷରୁ କରାଯାଇଥିବା ବିପଦ ମୂଲ୍ୟାଙ୍କନ ସହିତ ସଂଯୁକ୍ତ ପ୍ରମାଣ(ଗୁଡିକ) ଏବଂ ଉପରେ ଉଲ୍ଲେଖ କରାଯାଇଥିବା କାରଣ ଦର୍ଶାଅ ନୋଟିସର ଉତ୍ତରରେ ବୈଧ ସ୍ପଷ୍ଟୀକରଣ ପ୍ରଦାନ କରିବାରେ ଆପଣଙ୍କ ବିଫଳତାର ପୁଙ୍ଖାନୁପୁଙ୍ଖ ଅନୁଶୀଳନ ପରେ, ଆମେ ଆପଣଙ୍କ ଉକ୍ତ ଋଣ ଆକାଉଣ୍ଟକୁ ପ୍ରତାରଣାମୂଳକ ଘୋଷଣା/ବର୍ଗୀକୃତ କରିବା ପାଇଁ ଏକ ନିଷ୍କର୍ଷରେ ପହଞ୍ଚିଛୁ ଯେଉଁଥିରେ ଆପଣଙ୍କ ସମ୍ପୃକ୍ତି ପ୍ରମାଣିତ ହୋଇଛି। ଇଇଉଖ ସହିତ ସମାନ ବନ୍ଧକ ଏବଂ ମୂଳ ଡକ୍ୟୁମେଣ୍ଟ ତିଆରି କରିବା ସତ୍ତ୍ୱେ, ତୃତୀୟ ପକ୍ଷକୁ ସଂଗୃହିତ ସମ୍ପୂର୍ଣ୍ଣ ତଦନ୍ତ ଏବଂ ପ୍ରାସଙ୍ଗିକ ତଥ୍ୟ / ପରିସ୍ଥିତି ଆଧାରରେ ଆମେ ଏହି ନିଷ୍କର୍ଷରେ ପହଞ୍ଚିଛୁ। ଏହା ସହିତ, ଆପଣଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରିବା ପରେ ଆମେ ଆପଣଙ୍କ ସହିତ ଯୋଗାଯୋଗ କରିପାରିଲୁ ନାହିଁ ଏବଂ ଆପଣ ଆପଣଙ୍କର ଶେଷ ଜଣାଶୁଣା ଠିକଣାରୁ ପଳାଇ ଯାଇଛନ୍ତି ଯାହା ଫଳରେ ଏବିସିଏଲ୍‌କୁ ଋଣ ପରିଶୋଧ କରିବାର ଆପଣଙ୍କର କ୍ଷମତା ବିପଦପୂର୍ଣ୍ଣ ହୋଇଛି। ଏହା ସ୍ପଷ୍ଟ ଯେ ଆପଣ ଏକ ମନ୍ଦ ଉଦ୍ଦେଶ୍ୟ ନେଇ ଆର୍ଥିକ କ୍ଷତି କରିଛନ୍ତି ଏବଂ ବନ୍ଧକ ସମ୍ପତ୍ତି ବିକ୍ରୟ କରି ଏବିସିଏଲ୍‌କୁ ଉକ୍ତ ଋଣ ପରିଶୋଧ କରିବାର ଆପଣଙ୍କର କ୍ଷମତାକୁ ବିପଦରେ ପକାଇଛନ୍ତି ଏବଂ ଏବିସିଏଲ୍‌କୁ ଆଇନଗତ ପେମେଣ୍ଟ ଏଡ଼ାଇ ଯାଉଛନ୍ତି। ଆପଣଙ୍କ ପାଖରେ ମିଳୁଥିବା ଏପରି ପ୍ରତାରଣାମୂଳକ କାର୍ଯ୍ୟକଳାପ କେବଳ ଋଣ ଚୁକ୍ତିନାମାରେ ଉଲ୍ଲିଖିତ ନିୟମ ଏବଂ ସର୍ତ୍ତାବଳୀର ଉଲ୍ଲଂଘନ ନୁହେଁ ବରଂ ଆର୍ଥିକ କାରବାର ସମ୍ବନ୍ଧୀୟ ପ୍ରଯୁଜ୍ୟ ଆଇନ ଏବଂ ନିୟମାବଳୀର ମଧ ସମ୍ଭାବ୍ୟ ଉଲ୍ଲଂଘନ କରୁଛି।

ଏହି ଗୁରୁତର ଉଲ୍ଲଂଘନ ଅନୁଯାୟୀ, ଆମେ ତୁରନ୍ତ ପ୍ରଭାବରେ ଆପଣଙ୍କ କ୍ୟାପସନଯୁକ୍ତ ଋଣ ଆକାଉଣ୍ଟକୁ ଠକେଇ ଘୋଷଣା କରିବାକୁ ବାଧ୍ୟ। ଏହି ନିଷ୍ପତ୍ତି ଆମର ଆର୍ଥିକ ପ୍ରତିଷ୍ଠାନକୁ ସମ୍ଭାବ୍ୟ କ୍ଷତିରୁ ରକ୍ଷା କରିବା ଏବଂ ଆମର ଋଣ ପଦ୍ଧତିର ଅଖଣ୍ଡତା ବଜାୟ ରଖିବା ପାଇଁ ନିଆଯାଇଛି। ଏହା ସହିତ, ଆମର ଏହି ନିଷ୍ପତ୍ତି କେବଳ ଏହି ଘୋଷଣା ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ନିୟାମକ ଏବଂ ସମ୍ପୃକ୍ତ ଆଇନ ପ୍ରବର୍ତ୍ତନ ଏଜେନ୍ସି (ଏଲଇଏ)କୁ ରିପୋର୍ଟ କରିବା ଏବଂ ଏବିସିଏଲ ଉପଯୁକ୍ତ ଏବଂ ଉପଯୁକ୍ତ ବୋଲି ବିବେଚନା କରୁଥିବା ଅନ୍ୟାନ୍ୟ କାର୍ଯ୍ୟ ସମେତ ଅନ୍ୟାନ୍ୟ କାର୍ଯ୍ୟ ପର୍ଯ୍ୟନ୍ତ ବିସ୍ତାରିତ ହେବ।

ଉକ୍ତ ଆକାଉଣ୍ଟକୁ ଠକାମି ଘୋଷଣା କରାଯିବାର ପରିଣାମସ୍ୱରୂପ, ଆପଣଙ୍କୁ ପନ୍ଦର ଦିନ ମଧ୍ୟରେ ସମସ୍ତ ବକେୟା ରାଶି, ଯେକୌଣସି ସଂଗୃହିତ ସୁଧ, ଫି ଏବଂ ଜରିମାନା ସହିତ, ସମ୍ପୂର୍ଣ୍ଣ ଭାବରେ ପରିଶୋଧ କରିବାକୁ ଆହ୍ୱାନ କରାଯାଉଛି। ଏହି ପରିଶୋଧ ଦାବି ପାଳନ କରିବାରେ ବିଫଳ ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ, ଯେଉଁଥିରେ ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ କରିବା, କ୍ରେଡିଟ୍ ବ୍ୟୁରୋକୁ ରିପୋର୍ଟ କରିବା ଏବଂ ସମ୍ଭାବ୍ୟ ଅପରାଧିକ ଅଭିଯୋଗର ଅନୁସରଣ କରିବା ଅନ୍ତର୍ଭୁକ୍ତ ହୋଇପାରେ। ପୂର୍ଣ୍ଣ ପରିଶୋଧ ପ୍ରାପ୍ତ ହେବା ପରେ, ଆପଣଙ୍କର ଋଣ ଆକାଉଣ୍ଟ ଶେଷରେ ବନ୍ଦ ହୋଇଯିବ, ଏବଂ ବନ୍ଦ ହେବାର ନିଶ୍ଚିତକରଣ ଆପଣଙ୍କୁ ଜାରି କରାଯିବ।

ଆପଣଙ୍କର ଆନ୍ତରିକ,
ଆଦିତ୍ୟ ବିର୍ଲା କ୍ୟାପିଟାଲ ଲିମିଟେଡ୍ ପାଇଁ
ଅଧିକୃତ ସ୍ୱାକ୍ଷରକାରୀ

ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ୍ ଲିମିଟେଡ୍ ସହିତ ମିଶ୍ରଣ)
ସିଆଇଏନ୍:ଏଲ୬୫୧୧୦ଟିଏନ୨୦୧୪ପିଏଲ୍‌ସି୦୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ: କେଆରଏମ୍ ଟାୱାର୍ସ, ୮ମ ମହଲା, ହ୍ୟାରିଙ୍ଗଟନ୍ ରୋଡ୍, ଚେଟପେଟ, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍ ନଂ: +୯୧୪୪୪୫୬ ୪୦୦୦। ଫାକ୍ସ: +୯୧ ୪୪ ୪୫୬୪ ୪୦୨୨
IDFC FIRST Bank

ଆପେଣ୍ଡିକ୍ସ ୪ (ରୁଲ୍ ୮(୧) ପଜେସନ ନୋଟିସ (ସ୍ଥାବର ସମ୍ପତ୍ତି ପାଇଁ)

ଯେପରିକି,ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ) ଅଧିକୃତ ଅଧିକାରୀ ଅଟନ୍ତି। ସିକ୍ୟୁରିଟାଇଜେସନ୍ ଆଣ୍ଡ୍ କନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ ଓ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୩ ସହ ଧାରା ୧୩(୧୨) ଅଧୀନରେ କ୍ଷମତାପ୍ରାପ୍ତ ଏହାସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ଅଧୀନରେ **ତା୧୧.୧୦.୨୦୨୫**ରେ ଡିମାଣ୍ଡ ନୋଟିସ୍ ଜାରି କରି ଋଣକର୍ତ୍ତା, କୋ-ଋଣକର୍ତ୍ତା ଓ ଗ୍ୟାରେଣ୍ଟର **୧. ମଙ୍ଗୁ ପାନି,୨. ଲିପା ମାଝୀ** ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି **ଟ.୫,୨୫,୩୬୦.୦୫/-** (ପାଞ୍ଚଲକ୍ଷ ପଚିଶ ହଜାର ତିନିଶହ ଷାଠିଏ ଏବଂ ପାଞ୍ଚ ପଇସା କେବଳ) ସହ ଏହା ଉପରେ ଥିବା ସୁଧରାଶି **୧୦.୧୦.୨୦୨୫** ସୁଦ୍ଧା ଏହି ଡିମାଣ୍ଡ ନୋଟିସ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ ଦର୍ଶାଇଥିଲେ।

ଋଣଗ୍ରହୀତା ଏହି ଅର୍ଥରାଶି ପଇଠ କରିବାରେ ବିଫଳ ହୋଇଛନ୍ତି। ତେଣୁ ଏହି ନୋଟିସ ଦ୍ୱାରା ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଏହି ଆଇନରେ ଦର୍ଶାଯାଇଥିବା ଧାରା ୧୩ ଉପ-ଧାରା (୪) ସହ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୮ ଅନୁସାରେ **୨୫ ମାର୍ଚ୍ଚ ୨୦୨୬** ବର୍ଷରେ ପଜେସନ୍‌କୁ ନେଇ ଯାଇଛନ୍ତି।

ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଇ ଦିଆଯାଉଛି ଯେ ସେମାନେ ଏହି ସମ୍ପତ୍ତିକୁ ନେଇ କୌଣସି ଡିଲ୍ କରନ୍ତୁ ନାହିଁ। ଏହି ସମ୍ପତ୍ତି ସହ କୌଣସି ଡିଲିଂ କଲେ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)କୁ **ଟ.୫,୨୫,୩୬୦.୦୫/-** (ପାଞ୍ଚଲକ୍ଷ ପଚିଶ ହଜାର ତିନିଶହ ଷାଠିଏ ଏବଂ ପାଞ୍ଚ ପଇସା କେବଳ) ଏବଂ ଏହା ଉପରେ ଥିବା ସୁଧରାଶି ଓ ଖର୍ଚ୍ଚ ଦେବାକୁ ପଡ଼ିବ।

ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି ଯେ ସେମାନେ ଏହି ଆଇନର ଧାରା ୧୩ ଉପ-ଧାରା (୮) ବଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ବନ୍ଧକ ସମ୍ପତ୍ତିକୁ ମୁକୁଳାଇ ପାରିବେ।

ସ୍ଥାବର ସମ୍ପତ୍ତିର ବିବରଣୀ

ସମ୍ପତ୍ତି ଠିକଣା: ସମ୍ପତ୍ତିର ଅଂଶ ଓ ଖଣ୍ଡବିଶେଷ: ମୌଜା ଅବସ୍ଥିତି-ଜିଲ୍ଲା- ପୁରୀ, ଏସଆର- ସତ୍ୟବାଦୀ, ତହସିଲ- ସତ୍ୟବାଦୀ, ନଂ ୫୦୯, ପିଏସ୍- ସତ୍ୟବାଦୀ, ନଂ ୧୩୮, ମୌଜା- ବୀରଗୋବିନ୍ଦପୁର ଖାତା ନଂ ୧୧୮୯/୧୫୦ ଅଧୀନ, ପ୍ଲଟ ନଂ ୧୮୯୨/୪୯୧୪, ଏରିଆ ଏ.୦.୦୩୦ ଡିସିମିଲ ଏବଂ ପ୍ଲଟ ନଂ ୧୮୯୨/୪୮୦୯, ଏରିଆ ଏ.୦.୦୭୦ ଡିସିମିଲ, ମୋଟ ଏ.୦.୧୦୦ ଡିସିମିଲ, ଯୋଗାଯୋଗ ଖାତା ନଂ ୩୪୨, ପ୍ଲଟ ନଂ ୧୮୯୨, ଏରିଆ ଏ.୦.୧୫୦ ଡିସିମିଲ ଏ.୦.୪୫୦ ଡିସିମିଲ ମଧ୍ୟରୁ ଏବଂ ସମ୍ପତ୍ତିର ବାଉଣ୍ଡରୀ: ପୂର୍ବ- ସରକାରୀ, ପଶ୍ଚିମ- ରେଭିନ୍ୟୁ ପ୍ଲଟ ନଂ ୧୮୯୩, ଉତ୍ତର: ରେଭିନ୍ୟୁ ପ୍ଲଟ ନଂ ୧୮୯୧, ଦକ୍ଷିଣ: ନଳିନୀପ୍ରଭା ନନ୍ଦ।

ତାରିଖ : ୨୫.୦୩.୨୦୨୬
ସ୍ଥାନ : ଓଡ଼ିଶା
ଋଣ ଆକାଉଣ୍ଟ ନଂ - ୧୪୨୯୮୮୦୭୭

ସ୍ୱୀକୃତିପ୍ରାପ୍ତ ଅଫିସର
ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ୍ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ୍ ଲିମିଟେଡ୍ ସହିତ ମିଶ୍ରଣ)

ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ
(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)
ସିଆଇଏନ: ଏଲ୬୫୧୧୦ଟିଏନ୨୦୧୪ପିଏଲସି୦୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ-କେଆରଏମ ଟାୱାର,ଅଷ୍ଟମ ମହଲା, ହ୍ୟାରିଂଟନ ରୋଡ,ଚେଟପେଟ,ଚେନ୍ନାଇ-୬୦୦୦୩୧
ଟେଲିଫୋନ:+୯୧ ୪୪ ୪୫୬୪ ୪୦୦୦ ଫାକ୍ସ :+୯୧ ୪୪ ୪୫୬୪ ୪୦୨୨
IDFC FIRST Bank

ସିକ୍ୟୁରିଟାଇଜେସନ ଓ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଆସେଟ୍‌ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟ୍ ଇଣ୍ଟ୍ରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନରେ ନୋଟିସ

ନିମ୍ନଲିଖିତ ଋଣଗ୍ରହୀତା ଓ ସହ -ଋଣ ଗ୍ରହୀତା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ **(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)**ରୁ ନିମ୍ନ ପ୍ରଦତ୍ତ ସିକ୍ୟୁରଡ ଋଣ ଉପଲବ୍ଧ କରିଥିଲେ। ନିମ୍ନ ଲିଖିତ ଋଣଗ୍ରହୀତା ଓ ସହ- ଋଣ ଗ୍ରହୀତାଙ୍କ ଋଣ ସେମାନଙ୍କର ସମ୍ପତ୍ତି ବନ୍ଧକ ଦ୍ୱାରା ସିକ୍ୟୁର୍ଡ ହୋଇଅଛି। ଯେ ହେତୁ ସେମାନେ ଋଣ ଚୁକ୍ତିନାମାର ଟର୍ମସ ଓ କଣ୍ଡିସନ ପାଳନ କରିବାରେ ବିଫଳ ହୋଇଛନ୍ତି ଓ ଏହା ନିୟମିତ ହୋଇଥିବା ଦୃଷ୍ଟିରୁ ସେମାନଙ୍କର ଋଣ ଆରବିଆଇ ଗାଇଡ ଲାଇନ ଅନୁଯାୟୀ ଏନପିଏ ଭାବେ କ୍ଲାସିଫାଇଡ ହୋଇ ଯାଇଛି। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ପୈଠ କରିବାକୁ ଥିବା ଦେୟ ଜାରି କରା ଯାଇଥିବା ନୋଟିସରେ ଉଲ୍ଲେଖ ସହିତ ନିମ୍ନଲିଖିତ ଟେବୁଲରେ ତାହା ପ୍ରଦତ୍ତ ହୋଇଛି ଓ ମୋଟ ଦେୟ ଉପରେ ପରବର୍ତ୍ତୀ ସୁଧ ପ୍ରଯୁଜ୍ୟ ହେବା ସହିତ ତାହା ଚୁକ୍ତି ରେଟ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖ ଠାରୁ ଚାର୍ଜଡ ହେବ।

କ୍ର. ନଂ	ଋଣ ଆକାଉଣ୍ଟ ନଂ	ଋଣର ପ୍ରକାର	ଧାରା ୧୩(୨) ନୋଟିସ ତାରିଖ	ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ରାଶି
୧	୧୫୨୯୮୨୩୧	ସମ୍ପତ୍ତି ବଦଳରେ ଋଣ	୩୧.୦୧.୨୦୨୬	୧୯,୬୮,୧୯୦.୭୬/-
ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କ ନାମ: ୧. ନରେନ କୁମାର ସିଂ, ୨. ସ୍ନେହଲତା ସିଂ				
ସମ୍ପତ୍ତି ଠିକଣା: ସମ୍ପତ୍ତିର ଅଂଶ ଓ ଖଣ୍ଡବିଶେଷ: ଜିଲ୍ଲା ଅବସ୍ଥିତି: ଖୋର୍ଦ୍ଧା, ଏସଆର- ଖୋର୍ଦ୍ଧା, ତହସିଲ- ଖୋର୍ଦ୍ଧା, ନଂ ୪୫୮/୧, ପିଏସ୍- ଖୋର୍ଦ୍ଧା, ନଂ ୧୨୮/୧, ମୌଜା-ପଲ୍ଲା, ହାଲ୍ ଖାତା ଅଧୀନ ନଂ ୮୮୬/୭୪୦, ହାଲ୍ ପ୍ଲଟ ନଂ ୧୪୬୬/୨୩୮୧, ଏରିଆ- ଏ୦.୭୦ ଡସିମିଲ, ଯୋଗାଯୋଗ ଖାତା ନଂ ୨୬୮, ପ୍ଲଟ ନଂ ୧୪୬୬, ଏରିଆ ଏ.୦.୦୭୦ ଡିସିମିଲ ଯାହାକି ଏ.୦.୧୦୦ ଡିସମିଲ ମଧ୍ୟରୁ, ପରବର୍ତ୍ତୀ ଯୋଗାଯୋଗ ଶାବକ ଖାତା ନଂ ୨୬୮, ଶାବକ ପ୍ଲଟ ନଂ ୬୭୦/୧୪୮୦ ଏବଂ ବାଉଣ୍ଡରୀ ଯଥା- ପୂର୍ବ- ସରକାରୀ ରାସ୍ତା, ପଶ୍ଚିମ- ପୁଷ୍ପଲତା ଦାସ, ଉତ୍ତର- ପ୍ଲଟ ନଂ ୧୪୬୩, ଦକ୍ଷିଣ- ପ୍ରସ୍ତାବିତ ରାସ୍ତା।				

ଏତଦ୍ ଦ୍ୱାରା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଉପରେ ପ୍ରଦତ୍ତ ଟେବୁଲରେ ଉଲ୍ଲିଖିତ ବିବରଣୀ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖରୁ କଣ୍ଟ୍ରାକଟେଡ ରେଟ୍ ଅଫ ଇଣ୍ଟ୍ରେଷ୍ଟ ଓ ଅନ୍ୟାନ୍ୟ କଷ୍ଟ ଓ ଚାର୍ଜେସ ସହିତ ମୋଟ ଦେୟ ନୋଟିସ ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ଆପଣଙ୍କୁ ଆହ୍ୱାନ କରା ଯାଉଛି। ଏଥିରେ ବିଫଳ ହେଲେ ନିମ୍ନ ସ୍ୱାକ୍ଷରିତ ସର୍ଫେଶି ଆଇନର ଧାରା ୧୩(୪) ଓ ଧାରା ୧୪ ଅଧିନରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଦେବା ପାଇଁ ଥିବା ଆମାଉଣ୍ଟ ପାଇବା ସକାଶେ ବନ୍ଧକ ସମ୍ପତ୍ତି ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ସହିତ ସଂପୃକ୍ତ ଆଇନର ଧାରା ୧୩(୧୩) ଅଧିନରେ ସିକ୍ୟୁର୍ଡ ସମ୍ପତ୍ତିକୁ କୌଣସି ପ୍ରକାରେ ବିକ୍ରି କିମ୍ବା ଅନ୍ୟ ଭାବେ ହସ୍ତାନ୍ତର କରିବା ପାଇଁ ଆପଣଙ୍କୁ ବାରଣ କରା ଯାଉଛି।

ସ୍ୱା/- ଅଧିକୃତ ଅଧିକାରୀ

ତାରିଖ: ୨୭.୦୩.୨୦୨୬
ସ୍ଥାନ: ଓଡିଶା

ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)